# 'ଦି ପଦ କଥା' ଜୀବନର ଅନ୍ତର୍ବେଦନା, 'ନିର୍ଜୀବ ଘୋଡ଼ା'ରେ ଅସହାୟତା ପ୍ରତିଫଳିତ

**ଦାମନଯୋଡି,୧୭।୪(ଡି.ଏନ.ଏ.)**

ଷୋଡ଼ଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଜଗତସିଂହପୁର ବାଣୀକ୍ଷେତ୍ର ନାଟ୍ୟ ପରିଷଦ ପକ୍ଷରୁ ଡ.ଶରତ ଚନ୍ଦ୍ର ମହାରଣା ରଚିତ ନାଟକ 'ଦି ପଦ କଥା' ମଞ୍ଚସ୍ଥ ହୋଇଥିଲା । ଏହାର ନିର୍ଦ୍ଦେଶନା ଦେଇଥିଲେ ଉତ୍କଳ ରଞ୍ଜନ ମହାନ୍ତି ଏବଂ ସହ ନିର୍ଦ୍ଦେଶନାରେ ଥିଲେ ଅଶୋକ କୁମାର ଜେନା। ସୁର ସାରଙ୍କ ଗୋଟିଏ ବୋଲି ପୁଅ ଶ୍ରୀମୟ। ଦିଲ୍ଲୀରେ ପାଠ ସାରି ଆମେରିକାରେ ଚାକିରି କଲେ। ସେଠାରେ ମଧ୍ୟ ସଂସାର ଗଢିଲେ। ଏଣେ ଗାଁରେ ଘରେ ମାଆବାପା ଶ୍ରୀମୟ ଫେରିବା ବାଟକୁ ଚାହିଁ ରହିଛନ୍ତି। ମାଆବାପାଙ୍କ ଅର୍ନ୍ତବେଦନାକୁ ନେଇ ଗତିଶୀଳ ହୋଇଥିବା ଏହି ନାଟକର ବିଭିନ୍ନ ଭୂମିକାରେ ତରୁଣ ରାଉତରାୟ, ଜ୍ଞାନରଞ୍ଜନ ମହାନ୍ତି, ବିପିନ ସେଠୀ, ସଞ୍ଜୟ ଦାସ, ବିନୟ ବିଶ୍ୱାଳ, ସାରଦା ପ୍ରସାଦ ଦାସ, ନରେନ୍ଦ୍ର ମହାରଣା, ରତିକାନ୍ତ ସାହୁ, ପ୍ରସନ୍ନ ବାରିକ,ଅମ୍ବିକା ଗ୍ରହାଚାର୍ଯ୍ୟ ଓ ପଦ୍ମଜା ସାଇଁ ଅଭିନୟ କରିଥିଲେ।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ପରେ ଦ୍ୱିତୀୟ ନାଟକ 'ନିର୍ଜୀବ ଘୋଡ଼ା' ମଞ୍ଚସ୍ଥ କରିଥିଲେ ପୁରୀର 'ମିତ୍ର କଳାକାର'ଅନୁଷ୍ଠାନ। ପ୍ରଦୀପ କୁମାର ପ୍ରଧାନଙ୍କ ରଚନାକୁ ନିର୍ଦ୍ଦେଶନା ଦେଇଥିଲେ ରାମକୃଷ୍ଣ ମହାପାତ୍ର। ସୁଧୀର ମିଶ୍ର ଜଣେ ରାଷ୍ଟ୍ରପତି ପୁରସ୍କାପ୍ରାପ୍ତ ଶିକ୍ଷକ। ସଚ୍ଚୋଟ, ସତ୍ୟବାଦୀ, ନିଷ୍ଠାପର। ଦିନର ଅଧିକାଂଶ ସମୟ ସେ

**ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା**

ଛାତ୍ରୀଛାତ୍ରଙ୍କ ଗହଣରେ ବିଦ୍ୟାଳୟରେ କଟାନ୍ତି। ହେଲେ ସରକାରଙ୍କ ପରିବର୍ତ୍ତିତ ବିଦ୍ୟାଳୟ ନୀତିରେ ଅଣନିଶ୍ୱାସୀ ହୋଇପଡନ୍ତି ସୁଧୀର। ନିଜ ଦୁଇ ପୁଅଙ୍କୁ ସ୍ନେହ ଟିକେ ଦେଇପାରନ୍ତିନି। ସେମାନେ ଭୁଲବୁଝି ଘର ଛାଡ଼ି ପଳାନ୍ତି। ଏକମାତ୍ର ଝିଅ ବାପାଙ୍କ ବିରୋଧ ସତ୍ୱେ ଜଣେ ଯୁବକଙ୍କୁ ଭଲପାଇ ବସନ୍ତି। ସୁଧୀରଙ୍କ ଦୁଇଛାତ୍ର ଦାଉ ସାଜି ରାଜନୈତିକ ଚାପ ପକାଇ ମିଥ୍ୟା ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବିତ କରନ୍ତି। ହୃଦଘାତରେ ଶିକାର ହୋଇଥିବା ସ୍ତ୍ରୀ ଶାନ୍ତିଦେବୀଙ୍କ ଚିକିତ୍ସା ଲାଗି ତାଙ୍କ ପାଖରେ ଅର୍ଥ ନାହିଁ। ପିଲାମାନେ ଘରକୁ ଫେରିବା ବେଳକୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିସାରିଥାଏ। ଏପରି ଏକ ମୂଲ୍ୟବୋଧଭିତ୍ତିକ କାହାଣୀ ତୋଳିଧରିଛି ନିର୍ଜୀବ ଘୋଡ଼ା। କାର୍ତ୍ତିକେଶ୍ୱର ଖଟେଇ,ଦିଲ୍ଲୀପ ମିଶ୍ର, ବିଭୂତି ଭୂଷଣ ମିଶ୍ର, ସମୀର ଆଚାର୍ଯ୍ୟ, ଗୋପୀନାଥ ପୂଜାପଣ୍ଡା, ଦେବୀପ୍ରସାଦ ମିଶ୍ର, ଅହଲ୍ୟା ପଟ୍ଟନାୟକ, ତପସ୍ୱିନୀ ମହାନ୍ତି ପ୍ରମୁଖ ଅଭିନୟ କରିଥିଲେ। ଷଷ୍ଠ ସନ୍ଧ୍ୟା ନାଟକ ଉତ୍ସବର ମୁଖ୍ୟଅତିଥି ଥିଲେ ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ ପାଢ଼ୀ । ମନୋଜ ପୃଷ୍ଟି ଓ ନିର୍ମଳ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଶେଷଦେବ ଶତପଥୀ, ଉତ୍ତମ ପଟ୍ଟନାୟକ,ଏନ.ରବି କୁମାର, ଅରୁଣ କୁମାର ମିଶ୍ର, ବୈକୁଣ୍ଠ ବିଶ୍ୱାଳ ଓ ପ୍ରେମଜ୍ଞି ବୋଷ ପ୍ରମୁଖ ପରିଚାଳନା କରିଥିଲେ। ବିଚାରକ ରୂପେ ଅବସରପ୍ରାପ୍ତ ପ୍ରଫେସର୍ ଡ. ନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଫେସର ଡ. ନରେନ୍ଦ୍ର ମିଶ୍ର ଓ ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ଅଭିନ୍ନ ରାଉତରାୟ ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ମଦ୍ୟପାନ କରି ଗାଡି ଚଳାଇବା ମହଙ୍ଗା ପଡିଲା

**୨ ଡ୍ରାଇଭର ଗିରଫ, ଟ୍ରକ ଜବତ**

ମାଲକାନଗିରି,୧୭।୪(ଡି.ଏନ୍.ଏ.)- ମଦ୍ୟପାନ କରି ଗାଡି ଚଳାଉଥିବା ୨ଜଣ ଟ୍ରକ ଡ୍ରାଇଭରଙ୍କୁ ମହଙ୍ଗା ପଡିଛି। ଯାଞ୍ଚବେଳେ ସେମାନଙ୍କୁ ମାଲକାନଗିରି ସଦର ପୋଲିସ ଧରିବା ସହ ୨ଟି ଟ୍ରକ ଜବତ କରିଛି। ଉଭୟ ଟ୍ରକର ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ପୋଲିସ ଗାଡି ମୋଟର ଯାଞ୍ଚ କରୁଥିବା ବେଳେ ତେଲେଙ୍ଗାଣାରୁ ଆସୁଥିବା ଏକ ଟ୍ରକ ଅଟକାଇ ଯାଞ୍ଚ କରିଥିଲା। ତେବେ ଯାଞ୍ଚ ବେଳେ ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଉଥିବା ଜଣାପଡିବାରୁ ତାଙ୍କୁ ଗିରଫ କରାଯାଇଛି। ଟ୍ରକ ସହ ଡ୍ରାଇଭର ତେଲେଙ୍ଗାଣାର ଆନ୍ଦେମ ନାଗରାଜ ବୋଲି ଜଣାପଡିଛି। ସେହିପରି କାଲିମେଲା ବ୍ଲକ ପୋଟେରୁ ଅଞ୍ଚଳର ଜଣେ ଟ୍ରକ ଡ୍ରାଇଭର ମଧ୍ୟ ମଦ୍ୟପାନ କରି ଗାଡି ଚଳାଉଥିବା ଯାଞ୍ଚ ସମୟରେ ଜଣାପଡିବାରୁ ତାଙ୍କୁ ଗିରଫ କରାଯାଇଛି। ଟ୍ରକ ଜବତ ହୋଇଛି। ଡ୍ରାଇଭର ଜଣକ ହେଲେ ପୋଟେରୁ ଗ୍ରାମର ଗୋବିନ୍ଦ ବାଲା। ଜବତ ଦୁଇଟି ଟ୍ରକ ନମ୍ବର ହେଲା ଟି.ଏସ୍.୦୫ ୟୁଡି ୭୮୬୮ ଏବଂ ଓଡି ୩୦ ଏ ୯୨୯୯।

### ପାରଳାଖେମୁଣ୍ଡିରେ ଝୁଲଣଯାତ୍ରା ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୭।୪(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସହରର କରଣ ସାହିର ସାନରାଧାକାନ୍ତ ମଠରେ ଗତ ୬ଦିନ ବ୍ୟାପି ଚାଲିଥିବା ମଲ୍ଲୀ ଝୁଲଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମଠର ମହନ୍ତ ମନଦନ ଗୋପାଳ ଦାସ ମହରାଜ ପ୍ରଥମେ ଶଙ୍ଖଧ୍ୱନୀ ଦେଇ ପ୍ରାରମ୍ଭ କରିଥିଲେ। ପରେ ମଙ୍ଗଳ ଆରତୀ, ଭଜନ, ସଂକୀର୍ତ୍ତନ, ଦାସକାଠିଆ ଆଦି ପରିବେଷଣ ହୋଇଥିଲା। ରାଧାକୃଷ୍ଣ ଯୁଗଳ ମୂର୍ତ୍ତୀକୁ ଦୋଳ ମେଲାଣରେ ସଂପୂର୍ଣ୍ଣ ମଲ୍ଲୀକା ପୁଷ୍ପରେ ସାଜ ସଜ୍ଜା କରାଯାଇ ଦୋଳିକୁ ଝୁଲାଇ ଦିଆଯାଇଥିଲା। ଏହି ଚୈତ୍ର ଶୁକ୍ଳପକ୍ଷ ପୂର୍ଣ୍ଣିମାରେ ସଂକୀର୍ତ୍ତନକୁ ଗୁରୁ ରମେଶ ଚନ୍ଦ୍ର ପଟ୍ଟନାୟକ, ରବିନାରାୟଣ ଚୌଧୁରୀ, ଜସମିନ ଗମାଙ୍ଗ, ବୀରକିଶୋର ପଟ୍ଟନନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଗଞ୍ଜାମ ଜିଲାରୁ ଆସିଥିବା ଦାସ କାଠିଆ ନାଚ ଲଳିତ ମୋହନା ଦାଶ ଅଦ୍ଭୁଦ ନୃତ୍ୟ ଗୀତ ସହ ମନୋରଞ୍ଜନ କରିଥିଲେ। ଶେଷରେ ଭଗବାନଙ୍କ ପ୍ରସାଦ ରାମନାଥ ସାହୁଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି ଝୁଲଣ ଯାତ୍ରାକୁ ମଧୁସୁଦନ ଏବଂ ସେବକ ନାରାୟଣ ବାବୁ ପ୍ରମୁଖ ପରିଚାଳନା କରିଥିଲେ। ପାରଳା ସହରରେ ଏକ ମାତ୍ର ଝୁଲଣ ଯତ୍ରା ହୋଇଥିବା ଯୋଗୁ ଏହି ଯାତ୍ରା ଦେଖିବାପାଇଁ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡ଼ା,୧୭।୪(ଡି.ଏନ.ଏ.)-ବୁଗୁଡ଼ା ବ୍ଲକର ମାଣିତରା ଗ୍ରାମସ୍ଥ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କ ନିମନ୍ତେ ଆୟୋଜିତ ହୋଇଆସୁଥିବା ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ଅନୁପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଦୁର୍ଗା ପ୍ରସାଦ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବନପାଳ ସରସ୍ୱତୀ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅଧାପକ ପ୍ରିୟବ୍ରତ ପ୍ରଧାନ ଓ ଅଧାପିକା ପ୍ରଜ୍ଞା ପାରମିତା ସାହୁ, ପ୍ରୋଗ୍ରାମ୍ ଅଧିକାରୀ ସୁଚିତ୍ରା ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଗ୍ରହଣର ଉପଯୋଗିତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ଅଷ୍ଟ ଦିବସୀୟ ତାଲିମ ଶିବିରରେ ୭୪ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ଦିବ୍ୟାନୀ ସାହୁ ଓ ପୂଜାରାଣୀ ପ୍ରଧାନ ପ୍ରମୁଖ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧାପକ ଦିଲୀପ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧାପକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜୁ ତିରୋଧାନ ଦିବସ

ବାଙ୍ଗିରିପୋଷି,୧୭।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ବିଜେଡି ତରଫରୁ ଓଡିଶାର ପ୍ରବାଦ ପୁରଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବାଙ୍ଗିରିପୋଷି ବ୍ଲକ ବିଜେଡି ସଭାପତି ବିରକିଶୋର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଜୁ ବାବୁଙ୍କୁ ମନେ ପକାଇବା ସହ ପ୍ରତିଛବି ଉପରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ୨୮ ନଂ ଜୋନ ଜିଲା ପରିଷଦ ରାମଚନ୍ଦ୍ର ମୁର୍ମୁ, ବ୍ଲକ ଉପାଧକ୍ଷ ରତିକାନ୍ତ ସିଂ, ସାନ୍ତନୁ ଦାଶ, ମୋତିଲାଲ ଦାସ, ପବିତ୍ର ମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସମସ୍ୟା ଘେରରେ ଡାଲଖାଇ ଓଡିଆର୍‌ପି କଲୋନୀ

**ରମ୍ଭା,୧୭।୪**

ରମ୍ଭା ଥାନା ଇଲାକା ଗଞ୍ଜାମ ବ୍ଲକ ରାମଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡାଲଖାଇ ଓଡିଆରପି କଲୋନୀ ବହୁବିଧ ସୁବିଧା ସୁଯୋଗରୁ ବଞ୍ଚିତ। ସମସ୍ୟା ଘେରରେ ଉବୁଟୁବୁ ହେଉଥିଲେ ମଧ୍ୟ ପ୍ରଶାସନର ଅଣଦେଖା ମନୋଭାବ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବାରେ ଲାଗିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ ବିଦ୍ୟୁତ୍ ସମେତ ମୌଳିକ ସମସ୍ୟାରୁ କାଣିଚାଏ ସଫଳତା ପାଇପାରୁ ନ ଥିବା ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ହୋଇଛି। ଏପରିକି ହରିଜନ ସମ୍ପ୍ରଦାୟ ଓ ବାତ୍ୟା ଆଶ୍ରୟସ୍ଥଳୀ ବାସିନ୍ଦାମାନଙ୍କୁ ତଦୂର୍ଦ୍ଧ୍ୱ ପରିମାଣର ଯୋଜନା କରାଯାଇଛି, କିନ୍ତୁ ଯୋଜନା ଅପହଞ୍ଚ ହୋଇ ରହିଯାଇଛି। ପ୍ରାୟ ଏକ କୋଟି ଟଙ୍କାର ଶିକ୍ଷାନୁଷ୍ଠାନ ଗୃହ ବନାଯାଇଛି କିନ୍ତୁ କେନ୍ଦ୍ର ନାହିଁ। ଯଦ୍ଦ୍ୱାରା ୭ କିଲୋମିଟର ପ୍ରତ୍ୟହ କୋମଳମତି ଛାତ୍ରୀଛାତ୍ରମାନେ ଚାଲି ଚାଲି ଯାଇ ଶିକ୍ଷା ଗ୍ରହଣ କରିବା ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମହଲରେ ଆଲୋଡନ ସୃଷ୍ଟି କରିଛି। ତେବେ ଉପରୋକ୍ତ ସମସ୍ୟାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡୁଥିବା ଖବର ମିଳିଛି।

## କାଳବୈଶାଖୀରେ ଭାଙ୍ଗିଲା ଘର

**ମୋରଡ଼ା, ୧୭।୪(ଡି.ଏନ.ଏ )**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ବ୍ଲକର ଦାନ୍ତିଆମୁହାଁ, ଦୁର୍ଗାପୁର ଅଞ୍ଚଳରେ ବର୍ଷା ପବନରେ ଗଛ, ବିଜୁଳି ଖୁଣ୍ଟ ଉପୁଡ଼ି ପଡ଼ିବା ସହ କେତେକ ଲୋକଙ୍କ ଘର ଭାଙ୍ଗିଯାଇଛି। ଦୁର୍ଗାପୁର ପଞ୍ଚାୟତ ଅସନବଣି ଗ୍ରାମର ବିଜୁ ସିଂ, ତ୍ରିଭୁବନ, ଚୁନୁରାମ ସିଂ ଓ ବିଳାସିନୀ ସିଂଙ୍କ ଘର ଛପର ପବନରେ ଉଡ଼ିଯାଇଛି। ସେହିପରି ଦାନ୍ତିଆମୁହାଁ ପଞ୍ଚାୟତରେ ହୋଇଥିବା ତରଭୁଜ, କାକୁଡ଼ି ଚାଷ କୁଆପଥର ମାଡ଼ରେ ନଷ୍ଟ ହୋଇଛି। ଏନେଇ ଦାନ୍ତିଆମୁହାଁ ଆର୍‌ଆଇଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରିବେ ଏବଂ ଯଥାଶୀଘ୍ର କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ଚିତ୍ରଡ଼ା ଗ୍ରାମର କଲାନୀଛକ ପାଖରେ ଏକ ଗଛ ଭାଙ୍ଗି ପଡ଼ିବାରୁ ଏକ ଚାରିଚକିଆ ଗାଡ଼ିର କାଚ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି।

# ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଅନୁଧାନ


ବହୁପଦର ଆଦର୍ଶ ବିଦ୍ୟାଳୟ ପରିସରରେ ଉପସ୍ଥିତ ଜିଲାପାଳ, ଅନ୍ୟ ଅଧିକାରୀ ଏବଂ ସ୍କୁଲ ପ୍ରଧାନ ଶିକ୍ଷକ।

**ପଦ୍ମପୁର,୧୭।୪(ଡି.ଏନ୍.ଏ.)**

**ଜିଲାପାଳଙ୍କ ପଦ୍ମପୁର ଗସ୍ତ**

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଶନିବାର ପଦ୍ମପୁର ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ସେହିପରି ୫-ଟି ଅଧୀନରେ ବ୍ଲକରେ ୭ ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଜିଲାପାଳ ଏଗୁଡ଼ିକର ଅନୁଧାନ କରି ୬ ଟି ସ୍କୁଲର ୮୦ ପ୍ରତିଶତ କାମ ସରିଥିବା କହିଛନ୍ତି। ପ୍ରଥମେ ଜିଲାପାଳ ବହୁପଦର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଆଖୁସିଂ, ଜାଡ଼ିଲି, ଖିଲାପଦର, ପଦ୍ମପୁର ବିଜୟାନନ୍ଦ ବିଦ୍ୟାଳୟ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ସମୟରେ ପଦ୍ମପୁରର ଭାରପ୍ରାପ୍ତ ବିଡିଓ ଶାନ୍ତିପ୍ରଭା ପ୍ରଧାନ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଡିଇଓ ଏ. ସଞ୍ଜୀବ କୁମାର ପାଢ଼ୀ, ପଦ୍ମପୁର ବିଇଓ ସୁବାସ ଚନ୍ଦ୍ର ଶବର ଓ ବିଜୟାନନ୍ଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀଘ୍ର ଫସଲର କ୍ଷତିପୂରଣ, ଭଙ୍ଗା ଘର ନିର୍ମାଣ ଦାବି

**ଉମରକୋଟ,୧୭।୪(ସ୍ୱ.ପ୍ର.)**

**କାଳବୈଶାଖୀ କ୍ଷୟକ୍ଷତିର ଅନୁଧ୍ୟାନ କଲେ ବିଧାୟକ**

କାଳବୈଶାଖୀ ପ୍ରଭାବରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ଖାଣ୍ଡା ପଞ୍ଚାୟତର ସାନକୁମାରୀ ଏବଂ ସାନକୁମାରୀ ଆଦିବାସୀ ଗ୍ରାମରେ ବିଶେଷ କ୍ଷୟକ୍ଷତି ଘଟିଥିଲା। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରବିବାର କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ବିଧାୟକଙ୍କ ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ଖାଣ୍ଡା ସରପଞ୍ଚ ରମେଶ ଭତ୍ରା, ସମିତି ସଭ୍ୟା ବାସନ୍ତୀ ଜାନୀ, ଦାମୋଦର ଜାନୀ, ପ୍ରଶାନ୍ତ ଘୋଷଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଦୁଇ ଗ୍ରାମରେ ଅନେକ ଘରର ଟିଣ, ଆଜବେଷ୍ଟସ୍ ଏବଂ ଛପର ଉଡ଼ିଯାଇଥିବା ଏବଂ ଗ୍ରାମବାସୀଙ୍କ ଗଚ୍ଛିତ ଖାଦ୍ୟ ସାମଗ୍ରୀ ଓ ଅନ୍ୟ ଆସବାବ ପତ୍ର ନଷ୍ଟ ହୋଇଯାଇଥିବା ଜାଣି ବିଧାୟକ ଦୁଃଖ ପ୍ରକାଶ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ପଲିଥିନ୍ ନ ପାଇ ଗ୍ରାମବାସୀ ଖୋଲା ଆକାଶ ତଳେ ରହୁଥିବା ଜାଣି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଚାଷୀଙ୍କ ରବି ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବିଧାୟକଙ୍କ ନଜରକୁ ଆସିଥିଲା। ତେଣୁ ରାଜସ୍ୱ ବିଭାଗ ଓ କୃଷି ବିଭାଗ ଅଧିକାରୀଙ୍କ ସମେତ ବିଡିଓ ଏବଂ ଜିଲାପାଳଙ୍କୁ ବିଧାୟକ ଫୋନ୍ କରି ଶୀଘ୍ର କ୍ଷତିଗ୍ରସ୍ତ ପରିବାରକୁ ଖାଦ୍ୟ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଆଲୋଚନା କରିଥିଲେ। ଏଥିସହ ଭାଙ୍ଗି ଯାଇଥିବା ଘରଗୁଡ଼ିକର ମରାମତି ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲର କ୍ଷତିପୂରଣ ପ୍ରଦାନ ନେଇ ପଦକ୍ଷେପ ନିଆଯାଉ ବୋଲି ସେ ଦାବି କରିଥିଲେ। ଶୀଘ୍ର ଏ ଦିଗରେ ପଦକ୍ଷେପ ନ ନେଲେ ଭାଜପା ଆନ୍ଦୋଳନ କରିବାକୁ ବାଧ ହେବ ଏବଂ ଏଥିପାଇଁ ବିଭାଗୀ ଅଧିକାରୀ ଦାୟୀ ରହିବେ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।


ବିଧାୟକ ନିତ୍ୟାନନ୍ଦ ଗଣ୍ଡ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ଜୟପୁରରେ ହେବ ଜେପିଏଲ କ୍ରିକେଟ ଟୁର୍ନାମେଣ୍ଟ

**ଜୟପୁର, ୧୭।୪ (ନି.ପ୍ର.)–**

ଜୟପୁରରେ ଏସଆର ଜେପିଏଲ ପ୍ରିମିୟମ ଲିଗ କ୍ରିକେଟ ଟୁର୍ନାମେଣ୍ଟ ହେବ। ରବିବାର ଏନେଇ ଆରମ୍ଭ କାର୍ଯ୍ୟକ୍ରମ ହୋଇଛି। ମେ ମାସ ପ୍ରଥମ ସପ୍ତାହରେ ଜୟପୁର ବିକ୍ରମଦେବ କଲେଜ ପଡିଆଠାରେ ପ୍ରିମିୟମ ଲିଗ୍ ସବୁ ମ୍ୟାଚ ହେବ। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ୧୬୫ ଖେଳାଳି ଭାଗ ନେଇଛନ୍ତି । ରବିବାର ଖେଳାଳିମାନଙ୍କର ଅକ୍ସନ ହୋଇଥିଲା। ଜେପିଏଲରେ ୭ଟି ଦଳ ପ୍ରତିଯୋଗିତା କରିବେ । ଗୋଟିଏ ଦଳ ପାଇଁ ଗୋଟିଏ ଫ୍ରାଞ୍ଚାଇଜ ରହିବେ । ସେମାନେ ଅକ୍ସନ ମାଧ୍ୟମରେ ନିଜ ଦଳ ପାଇଁ ୧୫ ଜଣ ଖେଳାଳିଙ୍କୁ ବାଛିବେ । ସକାଳ ସାଢେ ୭ଟାରୁ ମ୍ୟାଚ ଆରମ୍ଭ ହେବ । ପ୍ରତ୍ୟେହ ୨ଟି ମ୍ୟାଚ ହେବ । ଏହି ଟୁର୍ନାମେଣ୍ଟ ୧୩ ଦିନ ଧରି ଚାଲିବ । ଏସଆର କୁଲର ଓନର ସୁବାସ ରାଉତ, କୋରାପୁଟର ଗୁଲାରି ସ୍ୱଡିଂ ଲଭସ ସୁପର ଚ୍ୟାଲେଞ୍ଜର ଓନର ଜଗଦିଶ ବେହେରା, ନବରଙ୍ଗପୁରର ରିଲାଇନ୍ସ ୱାରିୟରର ଦିନେଶ ଶ୍ରୀବାସନ୍ତ, ଜୟପୁରର ମାଉଣ୍ଟେନର ବିନିତରାଜ ସତମାନ, ବୈପାରିଗୁଡାର ଧଳ ୱାରିୟରର ଜ୍ଞାନେନ୍ଦ୍ର ଧଳ, ଜୟପୁର ସନରାଇଜର ସୂର୍ଯ୍ୟ ପଟ୍ଟନାୟକ, ଜୟପୁର ରୟାଲରର ଆଦିତ୍ୟ ରାଉତ ଫ୍ରାଞ୍ଚାଇଜ ରହିବେ। ଓରିୟନ କ୍ରିକେଟ ଟିମର ସଭାପତି ସୁବାସ ରାଉତ ସହ ଉପଖଣ୍ଡ କ୍ରୀଡା ସଂଘର ସମସ୍ତ ଖେଳାଳି ପରିଚାଳନା କରିବେ। ଜେପିଏଲର ଅଧକ୍ଷ ବାବୁଲା ରାଉତ ରହିଥିବା ବେଳେ ବୈଷୟିକ ମୁଖ୍ୟ ଅସିତ ପଟ୍ଟନାୟକ, ମିଡିଆ ପରିଚାଳନା ଦାୟିତ୍ୱରେ କାର୍ତ୍ତିକ ରାଉତ, ଗ୍ରାଉଣ୍ଡ ଇନଚାର୍ଜ ସଚ୍ଚି ପରିଡା ରହିଛନ୍ତି। କମିଟିରେ ସୁବାସ ପାଇକରାୟ, ବାପି ପରିଡା, ଅନୁପ ପାତ୍ର, ରବି ନାୟକ ମଧ୍ୟ ଥିବା ଜଣାପଡିଛି।

# ଗଛକୁ ପିଟିଲା ବାଇକ୍, ୨ ମୃତ

**ଗୁଣପୁର,୧୭।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପଣସଗୁଡ଼ାଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଦୁହେଁ ହେଲେ ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ମୁକୁଡ଼ିପଦର ଗ୍ରାମର କୁମାର ଶବର(୨୩) ଏବଂ ରଞ୍ଜିତ ଶବର(୨୨)।

ଉଭୟେ ଶନିବାର ରାତିରେ ବାଇକ୍ ଯୋଗେ ପଣସଗୁଡ଼ା ଗ୍ରାମକୁ ଯାଉଥିଲେ। ଭାରସାମ୍ୟ ହରାଇ ବାଇକ୍‌ଟି ଗଛରେ ପିଟି ହୋଇଥିଲା। ଫଳରେ ବାଇକ୍‌ରେ ଥିବା କୁମାର ଏବଂ ରଞ୍ଜିତ ରାସ୍ତାପାର୍ଶ୍ୱ ଏକ ଗର୍ତ୍ତରେ ପଡ଼ିଯାଇଥିଲେ। ରାତିରେ ସେମାନଙ୍କ ମୃତ୍ୟୁ ଘଟିଥିବାବେଳେ ଦୁହେଁ ସେଠାରେ ପଡ଼ି ରହିଥିଲେ। ରବିବାର ସକାଳେ ପଣସଗୁଡ଼ା ଗ୍ରାମବାସୀ ଉଭୟଙ୍କୁ ଦେଖି ଆମ୍ବୁଲାନ୍ସ ଯୋଗେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଗୁଣପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ୟୁଏଆଇଏଲ୍ ପକ୍ଷରୁ ୩୦ ଯୁବକଙ୍କୁ ଡ୍ରାଇଭିଂ ତାଲିମ

**ଟିକିରି,୧୭।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍) ପକ୍ଷରୁ ନବରଙ୍ଗପୁରସ୍ଥିତ ମେସର୍ସ ଶ୍ରୀ ଗଣେଶ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ମିଳିତ ସହଯୋଗରେ ନୂଆପଡ଼ାଠାରେ ଏପ୍ରିଲ୍ ୧୩ରେ ଡ୍ରାଇଭିଂ ଟ୍ରେନିଂ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ଆଗ୍ରହୀ ଯୁବବର୍ଗଙ୍କୁ ଡ୍ରାଇଭିଂ ତାଲିମ ଓ ପ୍ରମାଣପତ୍ର ପ୍ରଦାନ କରିବା ଏବଂ ଆତ୍ମନିଯୁକ୍ତିର ପଥ ପ୍ରଦର୍ଶନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କର୍ଯ୍ୟକ୍ରମ ଜରିଆରେ ଡ୍ରାଇଭିଂ ତାଲିମ ନେବା ପାଇଁ ୩୦ ଯୁବକ ନାମ ପଞ୍ଜୀକରଣ କରିଛନ୍ତି।

୧ମାସ ଧରି ଯୁବକମାନଙ୍କୁ ନିରାପଦ ଗାଡ଼ିଚାଳନାର ତାଲିମ ଦିଆଯିବ। ସମସ୍ତ ତାଲିମ ଗ୍ରହଣ କରିଥିବା ଯୁବକଙ୍କୁ ପରବର୍ତ୍ତୀ ସମୟରେ ଡ୍ରାଇଭିଂ ଲାଇସେନ୍ସ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉତ୍କଳ ଆଲୁମିନା ୟୁନିଟ ମୁଖ୍ୟ ମଜହର ବେଗ୍, ରାୟଗଡ଼ା ଆର୍‌ଆଇସିର ଜିଏମ୍ ବିକାଶ ଚନ୍ଦ୍ର ବେନ୍ ବିଶିଷ୍ଟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାୟଗଡ଼ା ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ, ଜିଏମ୍ ସିଏସ୍‌ଆର୍, ସିଆର୍ ଆଣ୍ଡ ସସ୍‌ଟେନାବିଲିଟି ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଉତ୍କଳ ଆଲୁମିନାର ସୁରକ୍ଷା ମୁଖ୍ୟ ଜୟ ତିୱାରୀ, ନବରଙ୍ଗପୁର ଗଣେଶ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ମୁଖ୍ୟ ସତ୍ୟବାଦୀ ଷଡ଼ଙ୍ଗୀ ଏହି ଅବସରରେ ଉପସ୍ଥିତ ଥିଲେ। ଗାଡ଼ିଚାଳନାକୁ ଜୀବିକାର ମାଧ୍ୟମ କରିବାକୁ ୟୁଏଆଇଏଲ୍‌ର ମୁଖ୍ୟ ବଜହର ବେଗ୍ ତାଲିମ ନେଉଥିବା ଯୁବକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ବ୍ୟବସାୟିକ ଉଦ୍ଦେଶ୍ୟରେ ଗାଡ଼ି କିଣିବାକୁ ଚାହୁଁଥିବା ଯୁବଗୋଷ୍ଠୀଙ୍କୁ ସମସ୍ତ ସମର୍ଥନ ଯୋଗାଇବାକୁ ଆର୍‌ଆଇସି ପ୍ରତିଶ୍ରୁତି ଦେଇଛନ୍ତି।



ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ତାଲିମ ଗ୍ରହଣ ପାଇଁ ଆସିଥିବା ଯୁବକମାନେ।

# 'ବିଜୁବାବୁଙ୍କ ଆଦର୍ଶକୁ ଅନୁକରଣ ହିଁ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି'

**ରାୟଗଡ଼ା ଅଫିସ/ଗୁଣପୁର/ମୁନିଗୁଡ଼ା, ୧୭।୪(ଡି.ଏନ୍.ଏ.)**

ରାୟଗଡ଼ା ଠାରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଯାଇଛି। ସକାଳେ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁବାବୁଙ୍କ ନୀତି ଓ ଆଦର୍ଶ ଓ ବିଚକ୍ଷଣ ରାଜନୀତିକୁ ମନେ ପକାଇଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ପୌରାଧକ୍ଷ ପି. ମହେଶ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା, କାଉନ୍‌ସିଲର ସନ୍ତୋଷ ଦଳେଇ, ମହିଳା ବିଜେଡି ସଭାନେତ୍ରୀ ଅନୁସୟା ମାଝି ଉପସ୍ଥିତ ଥିଲେ। ଓଡ଼ିଶାର ବିକାଶ ପାଇଁ ବିଜୁବାବୁ ସ୍ୱପ୍ନ ଦେଖିଥିଲେ। ଏବେକାର ଯୁବପିଢ଼ି ତାଙ୍କ ଆଦର୍ଶକୁ ଅନୁକରଣ କଲେ ତାହା ହିଁ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବ ବୋଲି ରାଜ୍ୟ ସଭା ସଦସ୍ୟ ଏହି ଉପଲକ୍ଷେ କହିଥିଲେ।

ଗୁଣପୁରଠାରେ ଦଳ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିକଟ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଗୁଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ଟାଉନ୍ ହଲ ପରିସରରେ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଜେଡି ନେତା ଓ କର୍ମୀମାନେ ରକ୍ତଦାନ କରିଥିଲେ। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଶ୍ୱିନୀ ଗମାଙ୍ଗ, ବାଳି ଗମାଙ୍ଗ, ଶାନ୍ତନୁ ପଟ୍ଟନାୟକ, ରାମ ପଣ୍ଡା, ବିଷ୍ଣୁ ପଣ୍ଡା, ସୁଜିତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପୌର ନିର୍ବାଚନରେ ଦଳର ବିଜୟୀ କାଉନସିଲର କିମ୍ବା ପରାଜିତ କାଉନ୍‌ସିଲର ପ୍ରାର୍ଥୀ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

ମୁନିଗୁଡ଼ାଠାରେ ଏହି ଉପଲକ୍ଷେ ବ୍ଲକ ବିଜେଡି ସଭାପତି ରତନଲାଲ ଜୈନ ଓ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ନିୟୁ ହୋପ୍ ଅନୁଷ୍ଠାନରେ ମାନସିକ ରୋଗୀ ଓ ଦିବ୍ୟାଙ୍ଗମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଡା. ସଞ୍ଜୟ କୁମାରଙ୍କ ଉପସ୍ଥିତରେ ଚିକିତ୍ସାଧୀନ ରୋଗୀ ଓ ଗର୍ଭବତୀମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ସଙ୍ଗଠକ ବୃନ୍ଦାବନ ପାଢ଼ୀ, ପିଙ୍କୁ ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସିମାଞ୍ଚଳ ଦାସ, ଜିଲା ପରିଷଦ ସଭ୍ୟା ମାଧବୀ କନ୍ଦପାଣି ପ୍ରମୁଖ ଉପସ୍ଥିତ ଥିଲେ।


ରାୟଗଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଓ ଅନ୍ୟମାନେ।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କୋରାପୁଟ,୧୭।୪(ସ୍ୱ.ପ୍ର.)

## ଘଟଣାକୁ ନେଇ ଉତ୍ତେଜନା, ରାସ୍ତାରୋକୋ କଲେ ଅଞ୍ଚଳବାସୀ

କୋରାପୁଟ ଜିଲା ନନ୍ଦପୁର ବ୍ଲକର ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରବିବାର ଏକ ଟ୍ରକ ଓ ବାଇକ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକରେ ବସିଥିବା ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଡୁଆ ପଞ୍ଚାୟତର ପୂଜାରିପୁଟ ଗ୍ରାମର ଯୋଗେଶ ଖିଲ(୩୮) ଓ ଜୟ କିର୍ସାନୀ (୩୦)। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ଖବରରୁ ଜଣାପଡିଛି ଯୋଗେଶ ଓ ଜୟ ପୂର୍ବାହ୍ନ ସାଢେ ୧୧ଟାରେ ଏକ ବାଇକରେ ଯାଉଥିବାବେଳେ ଏକ ଟ୍ରକ ଦ୍ରୁତଗତିରେ ଆସି ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଏଥିରେ ଜଣକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣକର ନନ୍ଦପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର କହିଛନ୍ତି। ଏହି ଦୁର୍ଘଟଣାକୁ କେନ୍ଦ୍ରକରି ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ମୃତକଙ୍କ ପରିବାର ଓ ସଂପର୍କୀୟ ଲୋକେ କ୍ଷତିପୂରଣ ଦାବିକରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଏସଡିପିଓ ମହାପାତ୍ର, ପାଡୁଆ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲା ରେଡକ୍ରସରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ଦେବା ପରେ ଲୋକେ ରାସ୍ତା ଅବରୋଧରୁ ଓହରି ଯାଇଥିଲେ। ଏନେଇ ପାଡୁଆ ଥାନାରେ ୩୭/୨୨ରେ ଏକ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଚାଲିଛି ।

# ମନ୍ଦିର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଦାନ



ସଭାପତି ମନ୍ଦିର ନିର୍ମାଣ ନିମନ୍ତେ ଟଙ୍କା ଚେକ୍ ଆକାରରେ ପ୍ରଦାନ କରୁଛନ୍ତି।

ଝରିଗାଁ,୧୭।୪(ସ୍ୱ.ପ୍ର.)

## ଜଗନ୍ନାଥ ମନ୍ଦିର ନିର୍ମାଣ କମିଟି ଗଠିତ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଟା ଗ୍ରାମସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ନିମନ୍ତେ ତାରାବେଡ଼ା, ଭେଜିଗୁଡ଼ା, ଗବାଗୁଡ଼ା, ସୁରୁମୁଣ୍ଡା, ଛୁଇଁମାଟିଗୁଡ଼ା, ପର୍ଲିଆଗୁଡ଼ା, ଦାବରୀମୁଣ୍ଡା ଓ ଥାଟବେଡ଼ା ଆଦି ଗ୍ରାମର ଲୋକଙ୍କୁ ନେଇ ରବିବାର ଏକ ବୈଠକ ହୋଇଥିଲା। ଏଥିରେ ମନ୍ଦିର କମିଟି ପକ୍ଷରୁ ସଭାପତି ରୂପେ ଅଜୟ କୁମାର ସାମଲ(ଚିକୁ), ଉପସଭାପତି ଭାବେ ସୁନିଲ କୁମାର ଯାଦବ, ସମ୍ପାଦକ ରୂପେ ସୁରେନ୍ଦ୍ର ମାଝି ଓ ସହସମ୍ପାଦକ ରୂପେ ଲକ୍ଷ୍ମୀ ନାରାୟଣ ଗାଣ୍ଟାଙ୍କୁ ଚୟନ କରାଯାଇଛି। ଏହି ଅବସରରେ ସଭାପତି ୫ ଲକ୍ଷ ଟଙ୍କାର ଚେକ୍ ଏବଂ ତାଙ୍କର ବଡଭାଇ ରିଙ୍କୁ କୁମାର ସାମଲ ୧ ଲକ୍ଷ ଟଙ୍କା ବୈଠକରେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନରସିଂହ ମାଝି, ଦଳପତି ମାଝି, ଗଣପତି ପୂଜାରୀ, ପିତାମ୍ବର ପୂଜାରୀ, ସହଦେବ ଗୌଡ଼ ଏବଂ ଚଟା ପଞ୍ଚାୟତର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

# ବିଜୁବାବୁଙ୍କ ତିରୋଧାନ ଦିବସ

ଗୁଣପୁର,୧୭।୪(ଡି.ଏନ୍.ଏ)

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ପଣସଗୁଡ଼ାସ୍ଥିତ ଏକ ଫାର୍ମ ହାଉସରେ ରବିବାର ପ୍ରବାଦ ପୁରୁଷ ବିଜୁବାବଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ରବି ପାଢ଼ୀ ସ୍ମୃତି କମିଟି ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ପଣସଗୁଡ଼ାର ସରପଞ୍ଚ ବିକ୍ରମ ଶବର, ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ବରିଷ୍ଠ ନାଗରିକ ଲୋକନାଥ ପାଢ଼ୀ, ନୀଳମାଧବ ପାଢ଼ୀ, ରାଜେନ୍ଦ୍ର ନାୟକ, ଟିକୁ ସାହୁ, ଉମା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

# କୋଣାଦିତ୍ୟର ଉପାସନା ଖିଆଲି ପରମ୍ପରା ନୁହେଁ




ଡ. ସୁରେନ୍ଦ୍ର କୁମାର ମିଶ୍ର

- ପରମ୍ପରାର ବିକାଶ ପାଇଁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂହଦେବ
- ଗଡ଼ର ମହାସାମନ୍ତମାନେ ଥିଲେ ଆମ ଜାତିର ବିଶ୍ୱାସ ପୁରୁଷ

ପୂର୍ବ ଆଲେଖ୍ୟରୁ ଆମେ ଜାଣିଲେ କୋଣାର୍କକୁ ୨୪ଥର ପଥର ଆସିଥିଲା। ସମସ୍ତ ପଥର ଓଡ଼ିଶାର ପାହାଡ଼/ପର୍ବତରୁ ଆସିଥିଲା। ସେଥିପାଇଁ ସେଗୁଡ଼ିକର ଅବସ୍ଥିତି ଆମେ ଆଲୋଚନା କରିଥିଲୁ। ପଥର ବାଛିବାଠାରୁ ପଥର ଆଣି କୋଣାର୍କରେ ପହଞ୍ଚାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଓଡ଼ିଶାର ଅଭିଜ୍ଞ ଶିଳ୍ପୀ କରିଥିଲେ। ସେମାନଙ୍କୁ ସହଯୋଗ କରିଥିବା ରାଜା /ମହାରାଜା/ଗଡ଼ନାୟକ/ଖଣ୍ଡପାଳ/ଦଳବେହେରା/ଗଡ଼ ସାମନ୍ତମାନଙ୍କ ଅବଦାନ ମଧ୍ୟ ପ୍ରସଙ୍ଗକ୍ରମେ ଉପସ୍ଥାପନ କରାଯାଇଥିଲା। ଉଲ୍ଲେଖ କରିବାର ଅଭିମୁଖ୍ୟ ଆମର ସ୍ପଷ୍ଟ। ଯେଉଁମାନେ ଶ୍ରୀପଦ୍ମକେଶର ମନ୍ଦିର ଏବଂ କୋଣାର୍କ ଉପରେ ବଡ଼ ବଡ଼ ଗ୍ରନ୍ଥ/ପୁସ୍ତକ ଲେଖି ପ୍ରମାଣିତ କରିବାକୁ ଚାହିଁଥିଲେ ଓଡ଼ିଆମାନେ ଏହି ମନ୍ଦିର ନିର୍ମାଣ କରିନାହାନ୍ତି। ସେମାନଙ୍କ ବର୍ଣ୍ଣନା ଓ ମତକୁ ନିରାଧାର କରିବା। ଏକ ଭୁଲ୍ ଐତିହ୍ୟ ଆମ ଉପରେ ଲଦି ଦିଆଯାଇଥିଲା।

ପଦ୍ମତୋଳାଗଣ୍ଡରେ ପଥର ପହଞ୍ଚିବା ପରେ ତା'ର ହିସାବ ଓ ରକ୍ଷଣାବେକ୍ଷଣ କଥା ଆମେ ଆଲୋଚନା କରିଥିଲେ। ନିର୍ମାଣ କେମିତି ଆଗେଇଲା, କେଉଁମାନେ ଘରଦ୍ୱାର ପିଲାସଂସାରକୁ ଛାଡ଼ି ମାସ ମାସ ଧରି କୋଣାର୍କରେ ଅବସ୍ଥାନ କରି ଜାତିର ଗୌରବକୁ ପ୍ରତିଷ୍ଠା କରିଦେଇଗଲେ ତାଙ୍କ ବିଷୟରେ ଜାଣିବା ଓ ଅନ୍ୟକୁ ଜଣେଇବା।

ଅନେକ ପୁସ୍ତକରେ ଲେଖିବାକୁ ଲେଖକମାନେ ଭୁଲିଲେ ନାହିଁ ଯେ ତୀର୍ଥରେ ସ୍ନାନ କରି ଶ୍ରୀମହାଭାସ୍କରଙ୍କୁ ଦର୍ଶନ କରିବାର ଏକ ଖିଆଲି ପରମ୍ପରାକୁ ନେଇ ଏତେ ଧନ ଦରବ ଖର୍ଚ୍ଚ କରିବା କ'ଣ ଆବଶ୍ୟକ ଥିଲା। ସେମାନେ ବୁଝିନାହାନ୍ତି ସନତନୀୟ ସ୍ନାନ ପରମ୍ପରାର ରହସ୍ୟ। ଆମେ ଜାଣେ ଆମ ପରମ୍ପରାରେ ସ୍ନାନ ସାତ ପ୍ରକାର।

୧– ମନ୍ତ୍ର ସ୍ନାନ, ୨–ପାର୍ଥିବ ସ୍ନାନ (ମାଟି ଚୂର୍ଣ୍ଣ ବୋଳିହୋଇ ସ୍ନାନ କରିବା), ୩– ଆଗ୍ନେୟ ସ୍ନାନ (ପାଉଁଶ/ଭସ୍ମ ବୋଳି ହୋଇ ଏବଂ ସୂର୍ଯ୍ୟକିରଣରେ ସ୍ନାନ କରିବା)।

୪– ବାୟବ୍ୟ ସ୍ନାନ: ଗୋରୁ ଗଲାବେଳେ ତାଙ୍କ ଖୁରା ବାଜି ଯେଉଁ ଧୂଳି ବା ରଜ ସୃଷ୍ଟି ହୁଏ ତାହା ଖୋଲା ଦେହକୁ ପବନ ସହ ବାଜିଲେ ବୟବ୍ୟ ସ୍ନାନ ହୁଏ।

୫– ଦିବ୍ୟ ସ୍ନାନ: ଖରା ପଡ଼ିଥିବ/ବର୍ଷା ବି ଝିପି ଝିପି ହେଉଥିବ, ଠିକ୍ ସେଇ ସମୟରେ ତୀର୍ଥରେ ଯେଉଁ ସ୍ନାନ କରାଯାଏ।

୬– ବାରୁଣି ସ୍ନାନ: ମହୋଦଧି, ପବିତ୍ର ନଦୀ ଏବଂ ପାହାଡ଼ରୁ ଝରିଆସି ତୀର୍ଥ ସଂଲଗ୍ନ ହୋଇଥିବା ଝରଣାରେ ତିଥି, ବାର ଓ ନକ୍ଷତ୍ର ଅନୁଯାୟୀ ଯେଉଁ ସ୍ନାନ କରାଯାଏ।

୭– ମାନସିକ ସ୍ନାନ: ମନରେ ଶ୍ରୀବିଷ୍ଣୁଙ୍କୁ ଧ୍ୟାନ କରି ସନ୍ୟାସୀମାନେ ସ୍ଥାନ–କାଳ–ପାତ୍ର ଅନୁଯାୟୀ ଯେଉଁ ସ୍ନାନ କରନ୍ତି।

କୋଣାଦିତ୍ୟରେ ମହୋଦଧି ସଂଲଗ୍ନ ପବିତ୍ର ଚନ୍ଦ୍ରଭାଗା ନଦୀରେ ବାରୁଣି ସ୍ନାନ ପ୍ରଚଳିତ। ପବିତ୍ର ନଦୀର ତାହା ସଙ୍ଗମ ସ୍ଥଳ ଥିଲା। ପାରଲୌକିକ ବିଶ୍ୱାସ କେବଳ ନୁହେଁ, ଇହଲୋକର ବିଜ୍ଞାନ ବାର୍ତ୍ତା ଏଥିରେ ଅଛି। ବିଶ୍ୱାସ ଓ ଆସ୍ଥାର କଥା। ସେଇ ଗଣବିଶ୍ୱାସକୁ ସମ୍ମାନ ଦେଇଆସିଥିଲେ ମହାରାଜାମାନେ। ସେ ବିଶ୍ୱାସ ଶାମ୍ବଙ୍କର ମଧ୍ୟ ଥିଲା। ନଇଲେ ବ୍ୟାଧିମୁକ୍ତ ହେବା ସହିତ ସିଦ୍ଧି ପାଇଲେ କେମିତି!! ସେବେଠୁ ଓଡ଼ିଶା ମୂଳକରେ କୋଣାଦିତ୍ୟ ଥିଲା ପବିତ୍ର ଭୂମି।



ଗୋଲରାଗଡ଼ ସଂଲଗ୍ନ ଚିତ୍ରୋତ୍ପଳା ନଦୀ କୂଳରେ ଅନୁସନ୍ଧାନ କାଳରେ ସୁରେନ୍ଦ୍ର କୁମାର ମିଶ୍ର ଓ ଗଡ଼ରୁପାସର ମହାସାମନ୍ତଙ୍କ ଭାଇ ଅଜୟ ପାତ୍ର (ବାମ)। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ସେଇ ପବିତ୍ର ପରମ୍ପରାର ବିକାଶ କରିବାକୁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂଦେବ। ତୀର୍ଥ ଥିଲା, ସୂର୍ଯ୍ୟଦେବତା ବି ପୂଜା ପାଉଥିଲେ, ଦେବତାଙ୍କ ସମେତ ମଣିଷମାନଙ୍କ ସ୍ନାନ ବିଧି ଥିଲା, ଆଉ ଟିକେ ବିକାଶ କରାଇବାକୁ ଅଣ୍ଟା ଭିଡ଼ିଥିଲେ ଗଜପତି। ଗଜପତିଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓଡ଼ିଶାର 'ମହାସାମନ୍ତ'ମାନେ। ଆମେ ଜାଣେ କେତୋଟି ଗ୍ରାମକୁ ନେଇ ପ୍ରଶାସନିକ ସୁବିଧା ଦୃଷ୍ଟିରୁ 'ବିଷୟ' ଗଠିତ ହୋଇଥିଲା। ପାଞ୍ଚୋଟି ବିଷୟକୁ ନେଇ ଗଠିତ ଅଞ୍ଚଳର ମୁଖିଆ ଥିଲେ–ବିଷୟାଧିପତି। ଗଜପତି ଯାଙ୍କୁ ନିଯୁକ୍ତି ଦେଉଥିଲେ। ଭିନ୍ନ ଭିନ୍ନ କାଳରେ ବିଷୟାଧିପତି ଚିହ୍ନିତ ହୋଇଛନ୍ତି 'ରାଣକ', ସାମନ୍ତ ଓ ମହାସାମନ୍ତ ଅଧିପତି ଭାବରେ। ଅନେକ ଐତିହ୍ୟରୁ ଜଣାଯାଏ ଗଜପତିଙ୍କର ମହାସାମନ୍ତ ଥିଲେ ବିଶ୍ୱାସପୁରୁଷ। ସେଥିପାଇଁ କେତେକ ଉଚ୍ଚକ୍ଷମତା ତାଙ୍କୁ ଦିଆଯାଇଥିଲା। ଗଜପତିଙ୍କ ପରିବାରର ଦୂରସମ୍ପର୍କୀୟ ବା ପରିବାରଭୁକ୍ତ ଥିଲେ ମହାସାମନ୍ତମାନେ। କୋଣାର୍କ ଅଞ୍ଚଳରେ ଯେଉଁ ଗଙ୍ଗବଂଶୀ ୧୬ ଗଡ଼ ଥିଲା, ସେଇ ଗଡ଼ର ମହାସାମନ୍ତମାନଙ୍କର ଉପାଧି ଥିଲା– ବୀରବର ମର୍ଦ୍ଦରାଜ ସାମନ୍ତ (ଗୋଲରାଗଡ଼), ସାମନ୍ତସିଂହାର (ଗଡ଼ଚାନ୍ଦପୁର), ରାୟ ସାମନ୍ତ (ଗଡ଼ବାଙ୍ଗର), ସାମନ୍ତରାୟ (ପଦନପୁର ଗଡ଼), ସାମନ୍ତ ଶ୍ରୀଚନ୍ଦନ (ଗଡ଼ମୃଗଶିରା) ପ୍ରଭୃତି।

ଏମାନଙ୍କୁ ଆଜି ଆମେ ସ୍ମରଣ କରୁଛେ– ଏଇମାନେ କୋଣାର୍କକୁ ପଥର ଆଣିବାର ବ୍ୟବସ୍ଥାରେ ମୁଖ୍ୟପୁରୋଧା ଥିଲେ। ପଥର ଆସିବା ପରେ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଥିଲେ। ଗଜପତି ସିନା ଅର୍ଥବଳ ଯୋଗେଇଦେବେ! ଲୋକବଳ...!! ଚାପ ସଜାଡ଼ିବାଠୁ ଚାପଦଳେଇ, ଦଳବେହେରା, ମଲ୍ଲାର, ଘାଟ ଦଳେଇଙ୍କୁ ସଜାଗ କରାଇ କର୍ମଚଞ୍ଚଳ କରାଇବା, ଚାପରୁ ପଥର ବୋହି ପଥୁରିଆଙ୍କୁ ଯୋଗାଇଦେବା ସହଜ କାମ ନୁହେଁ। ଦିନରାତି ଜଣାପଡ଼ି ନ ଥିବ ଏମାନଙ୍କୁ। ଏମାନଙ୍କ ତ୍ୟାଗ, ନିଷ୍ଠା ଓ ସହଯୋଗ ସବିଶେଷ ଆଲୋଚନା ସ୍ତରକୁ ଆଣିବା। ନଇଲେ ବାହାରିଆ ଲେଖକଙ୍କ ପାଟି ଚୁପ୍ ହେବନି।

# ରାୟଗଡା ଜିଲାକୁ ୫ ରୌପ୍ୟ, କାଂସ୍ୟ

ରାୟଗଡା ଅଫିସ, ୧୭।୪

## ବରିଷ୍ଠ ଜାତୀୟ ଶକ୍ତି ଉତ୍ତୋଳନ ଚାମ୍ପିୟନଶିପ୍-୨୦୨୨

କେରଳର ଆଲଫଲା ମ୍ୟୁନିସିପାଲିଟି ଟାଉନ ହଲଠାରେ ଅନୁଷ୍ଠିତ ବରିଷ୍ଠ ଜାତୀୟ ଶକ୍ତି ଉତ୍ତୋଳନ ଚାମ୍ପିୟନ ଶିପ୍–୨୦୨୨ରେ ଭାଗ ନେଇ ରାୟଗଡା ତଥା ଓଡିଶା ପାଇଁ ଗର୍ବ ଆଣିଛନ୍ତି ରାୟଗଡ଼ା ଜିଲା ୪ ପ୍ରତିଯୋଗୀ। ସେମାନେ ହେଲେ ତେଜବ କୁମାର ସୁନା, କୃଷ୍ଣ ସାମଲ, ପ୍ରଫୁଲ୍ଲ ଅମନତିଆ, ବାବୁଲା ସାମଲ। ଏପ୍ରିଲ ୫ରେ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ତରଫରୁ କେରଳ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଏପ୍ରିଲ ୯ ରୁ ୧୩ ପର୍ଯ୍ୟନ୍ତ ଖେଳ ହୋଇଥିଲା। ଏଥିରେ ଦେଶର ୧୦୩୮ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗିତାରେ ରାୟଗଡ଼ା ଜିଲାର ତେଜବ କୁମାର ସୁନା ୫୯ କେଜି ବରିଷ୍ଠ ବର୍ଗରେ ମୋରୋ ୫୦୦ କେଜି ଲିଫ୍ଟ କରି ରୋପ୍ୟ ପଦକ ହାସଲ କରିବା ସହ ସ୍ୱାର୍ଡରେ ରୌପ୍ୟ ଏବଂ ଦେଡ଼ ଲିଫ୍ଟରେ କାଂସ୍ୟ ପଦକ ଜିତିଥିଲେ। ବାବୁଲା ସାମଲ ସ୍କାର୍ଡରେ ଏବଂ ଦେଡ ଲିଫ୍ଟରେ ରୌପ୍ୟ ଏବଂ କାଂସ୍ୟପଦକ ପାଇଛନ୍ତି। ରାୟଗଡ଼ା ଜିଲାକୁ ମୋଟ ୫ଟି ମିଳିଛି। ରବିବାର ଆୟୋଜିତ ସ୍ୱାଗତ କାର୍ଯ୍ୟକ୍ରମରେ ଜଗତ ଜନନୀ କ୍ଲବର ଯୁଗ୍ମ ସମ୍ପାଦକ ସଦାଶିବ ତ୍ରିପାଠୀ ଏବଂ ଉପ ସଭାପତି ବୃନ୍ଦାବନ ପାଳକା, ଜୟ ବାତ୍ରିୟା, କ୍ରିଷ୍ଣା, ଜିଲା କ୍ରୀଡା ଅଧିକାରୀ ଶେଖଅଲ୍ଲି ନୁର ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଜିଲାପାଇଁ ଗୌରବ ଆଣିଥିବା ୪ ଖେଳାଳି ।

# କଂଗ୍ରେସ ପାଇଁ ବିଜୁବାବୁଙ୍କ ଚିନ୍ତାଧାରା ଥିଲା ଅନନ୍ୟ



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ ଓ ଦଳୀୟ ନେତାମାନେ ବିଜୁ ପଟ୍ଟନାୟକଙ୍କ ପୁରୁଣା ପ୍ରଚାରପତ୍ର ପ୍ରଦର୍ଶନ କରୁଛନ୍ତି।

ନବରଙ୍ଗପୁର,୧୭।୪(ବି.ପ୍ର.)

## ବିଜୁବାବୁଙ୍କ ୫୮ ବର୍ଷ ପୁରୁଣା ପ୍ରଚାରପତ୍ରରୁ ସ୍ପଷ୍ଟ: କଂଗ୍ରେସ

ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ରବିବାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ପୁଣ୍ୟତିଥି ପାଳିତ ହୋଇଛି। ଏହି ଉପଲକ୍ଷେ କଂଗ୍ରେସ ଭବନଠାରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଚିନ୍ତାଧାରା ଅନନ୍ୟ ଥିଲା ବୋଲି କୁହାଯାଇଛି।

କଂଗ୍ରେସର ଆଦର୍ଶକୁ ଭଲ ପାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଜୁବାବୁ ଥିଲେ। ୧୯୬୪ରେ ଭୁବନେଶ୍ୱରଠାରେ ୬୮ତମ ଅଖିଳ ଭାରତ କଂଗ୍ରେସ କମିଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଏଆଇସିସି ସଭାପତି ଥିଲେ କେ. କାମରାଜ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ ବିଜୁ ପଟ୍ଟନାୟକ। ଅଧିବେଶନରେ ବିଜୁବାବୁ ଡ. ରାଜେନ୍ଦ୍ର ପ୍ରସାଦ ଓ ପୁରୁଷୋତ୍ତମ ଦାସ ଟଣ୍ଡନଙ୍କ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସେହି ସମୟରେ ଓଡ଼ିଶାରେ ଏଆଇସିସି ପକ୍ଷରୁ ପାରିତ ପ୍ରସ୍ତାବ ମଧ୍ୟରେ ସୋଭିଏତ୍ ଋଷର ଯୁଦ୍ଧ ବିରତି ସେନା କମାଇବା ପ୍ରସ୍ତାବକୁ ସ୍ୱାଗତ କରାଯାଇଥିଲା।

ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଥିବା ଇନ୍ଦିରା ଗାନ୍ଧୀ ମଧ୍ୟ ଏହି ଅଧିବେଶନରେ ଯୋଗଦେଇଥିଲେ। ଓଡ଼ିଶାରେ ମାତ୍ର ୧୨୪୫ ଜଣ ସଦସ୍ୟତା ନେଇଥିଲେ। ବରିଷ୍ଠ ନେତା ବୀରେନ୍ ମିତ୍ର, ବୃନ୍ଦାବନ ନାୟକ, ଡ. ପି.ଭି. ଜଗନ୍ନାଥ ରାଓ, ସଦାଶିବ ତ୍ରିପାଠୀ, ହରିହର ସିଂ ମର୍ଦ୍ଦରାଜ, ତୟାକା ସାଙ୍ଗନା, ବନମାଳି ବାବୁ, ପ୍ରହ୍ଲାଦ ମଲ୍ଲିକ, ନୀର ବିକ୍ରମାଦିତ୍ୟ ସିଂ ବରିହା, ସରସ୍ୱତୀ ପ୍ରଧାନ, ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ୧୪୦ ସଦସ୍ୟତା ବିଶିଷ୍ଟ ବିଧାନସଭାରେ ୮୨ ବିଧାୟକ ଏହି ଅଧିବେଶନରେ ଭାଗ ନେଥିଇଲେ। ବିଧାନସଭାରେ ୧୦ ବିଧାୟକ କଂଗ୍ରେସରୁ ଥିଲେ। ଉମରକୋଟରୁ ସଦାଶିବ ତ୍ରିପାଠୀ, ଡାବୁଗାଁରୁ ଜଗନ୍ନାଥ ତ୍ରିପାଠୀ, ନବରଙ୍ଗପୁରରୁ ମିରୁ ହରିଜନ, ଜୟପୁରରୁ ରଘୁନାଥ ପଟ୍ଟନାୟକ, କୋଟପାଡରୁ ମହାଦେବ ବକରିଆ, ଆହୁଆରୁ ଗଣେଶ୍ୱର ମହାପାତ୍ର, କୋରାପୁଟରୁ ତୟାକା ସାଙ୍ଗାନା, ପଟାଙ୍ଗୀରୁ ମୁସୁରୀ ସାନ୍ତା ପାଙ୍ଗି, ରାୟଗଡ଼ାରୁ କାମାୟା ମୁଣ୍ଡାଭ୍ଗି ଓ ଗୁଣପୁରରୁ ନରସିଂହ ପାତ୍ର ବିଧାୟକ ଥିଲେ।

ଏହି ଅଧିବେଶନରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ବିଜୁ ପଟ୍ଟନାୟକ ଏକ ପ୍ରଚାରପତ୍ର ବାଣ୍ଟିଥିଲେ। ତ୍ରିରଙ୍ଗା ପତାକା ସହ ଯୋଡ଼ା ବଳଦ ଚିହ୍ନଦେଇ ଜାତୀୟ କଂଗ୍ରେସର ଚିନ୍ତାଧାରା ଓ ଏହାର ଭବିଷ୍ୟତ ଉପରେ ଆଧାରିତ ପ୍ରଚାରପତ୍ର ବାଣ୍ଟିଥିଲେ। ଲକ୍ଷ ଲକ୍ଷ ବୀର ନରନାରୀଙ୍କ ଶହୀଦ ଓ ସଂଗ୍ରାମୀ ରକ୍ତ ହିଁ ଭାରତ ବର୍ଷ ତଥା ଜାତୀୟ କଂଗ୍ରେସର ଭିତ୍ତି। ପ୍ରତ୍ୟେକ ନାଗରିକ କଂଗ୍ରେସ ଦଳକୁ ନିଜର ଅନୁଷ୍ଠାନ ବୋଲି ଭାବିବା ଉଚିତ । କଂଗ୍ରେସ ଦୁର୍ବଳ ହେଲେ ତାହାକୁ ଶକ୍ତିଶାଳୀ କରିବା ଆମର ଧର୍ମ। କଂଗ୍ରେସକୁ ଅସ୍ତ୍ର କଲେ ହିଁ ଦେଶବାସୀଙ୍କ ଦୁଃଖ ଓ ଦାରିଦ୍ର୍ୟ ଦୂର ହେବ। ଜନମଙ୍ଗଳ ରାଷ୍ଟ୍ର ଗଠନରେ କଂଗ୍ରେସ ଉତ୍ତରଦାୟୀ ବୋଲି ପ୍ରଚାରପତ୍ରରେ ଉଲ୍ଲେଖ ରହିଥିଲା। ଏହା ବିଜୁବାବୁଙ୍କ ଚିନ୍ତାଧାରା ଥିଲା। ଏବେ ତାଙ୍କ ପୁତ୍ରଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଅଲଗା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

ବିଜୁବାବୁ ଅବିଭକ୍ତ କୋରାପୁଟ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଉଥିଲେ। ଇନ୍ଦ୍ରବତୀ ଜଳଭଣ୍ଡାର ଭିତ୍ତିଭୂମି ପ୍ରତିଷ୍ଠା ସମୟରେ ବିଜୁବାବୁ ନବରଙ୍ଗପୁର ତଥା ଅବିଭକ୍ତ କୋରାପୁଟ ଜିଲାର କୌଣସି କ୍ଷତି ହେବନାହିଁ ବୋଲି କହିଥିଲେ। ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ତଳିଆ ଅଞ୍ଚଳ ନବରଙ୍ଗପୁର ଜିଲାର ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ନବରଙ୍ଗପୁର ବ୍ଲକର ୪୨ କି.ମି. ପର୍ଯ୍ୟନ୍ତ କେନାଲ ଯୋଗେ ପାଣି ଯୋଗାଇବେ ବୋଲି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ କୌଣସି କାମ ହୋଇନାହିଁ। ନବରଙ୍ଗପୁର ଜିଲା ଏକ କୃଷି ସମ୍ପନ୍ନ ଜିଲା। ଅର୍ଥନୈତିକ ବିକାଶ ପାଇଁ ବିଜୁ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଥିଲେ ତହା ସାକାର ହେବା ବଦଳରେ ନବରଙ୍ଗପୁର ଜିଲାର ଜଳସେଚନ ପ୍ରତି ଅଣଦେଖା କରାଗଲା ବୋଲି ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ ସମାଲୋଚନା କରିଛନ୍ତି।

ବିଜେଡି କେବଳ କଂଗ୍ରେସ ନେତାଙ୍କୁ କିଣିନେବାରେ ଅର୍ଥ ଖର୍ଚ୍ଚ କରୁଛି। ସେହି ଟଙ୍କାରେ ବିକାଶ ପାଇଁ ଚିନ୍ତା କରୁନି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହ କଂଗ୍ରେସର ଭିତ୍ତିଭୂମି ଦେଶପାଇଁ ଜରୁରୀ ବୋଲି ଜିଲା ସଭାପତି କହିଛନ୍ତି। ଖବରଦାତା ସମ୍ମିଳନୀରେ ଆଇନ ପରାମର୍ଶ ସେଲ୍‌ର ସଭାପତି ରାମ ପ୍ରସାଦ ପାତ୍ର, ପିସିସି ସଭ୍ୟ ଦିଲୀପ ବେହେରା, ସମ୍ପାଦକ ପ୍ରଦୀପ ସାହୁ, ଅବଦୁଲ ଫିରୋଜ, ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ବାସୁଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ନେଇ ସଂକଳ୍ପ

ନବରଙ୍ଗପୁର(ବି.ପ୍ର.)/ଉମରକୋଟ/ପାପଡ଼ାହାଣ୍ଡି/ଡାବୁଗାଁ (ଡି.ଏନ୍.ଏ.),୧୭।୪

ନବରଙ୍ଗପୁର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଛି। ସକାଳେ କଲେକ୍ଟର ଛକ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା। ପରେ ସାଇ କଲ୍ୟାଣ ମଣ୍ଡପଠାରେ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ସଭ୍ୟା କନକ ମଞ୍ଜରୀ ବିଶୋଇ, ପୌର ଉପାଧ୍ୟକ୍ଷା ସୋମ୍ୟା ମହାପାତ୍ର, ନଗର ବିଜେଡି ସଭାପତି ପ୍ରମୋଦ ରଥ, ମହିଳା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝି, ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଶରତ ଭତ୍ରା ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ନିମନ୍ତେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବାକୁ ସଂଙ୍କଳ୍ପ ପତ୍ର ପାଠ କରଯାଇଥିଲା। କାର୍ଯ୍ୟକ୍ରମକୁ କୋରାପୁଟ ଜୋନ୍ ସଭାପତି ତାପସ ତ୍ରିପାଠୀ ପରିଚାଳନା କରିଥିଲେ। 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକଙ୍କ ସମେତ ତେନ୍ତୁଳିଖୁଣ୍ଟି ଜିଲା ପରିଷଦ ସଭ୍ୟା, ୭ ନଂ. ୱାର୍ଡର କାଉନ୍‌ସିଲର ପି. ଉଷାରାଣୀ, ସମ୍ପାଦକ ରବି ପଟ୍ଟନାୟକ, ପୂର୍ବତନ ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷ ବେଦବ୍ୟାସ ଭତରାଙ୍କ ସମେତ ଅନେକ ବିଜୁ ପ୍ରେମୀ ରକ୍ତଦାନ କରିଥିଲେ। ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ୧୦ କାଉନସିଲର ଏଠାରେ ଉପସ୍ଥିତ ଥିଲେ।

ଉମରକୋଟ ବିଜେଡି ପକ୍ଷରୁ ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କ ବାସଭବନରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ଜିଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା, ଛାୟା ବିଶ୍ୱାସ, ଚନ୍ଦନ ରାଏ, ବ୍ଲକ ଅଧ୍ୟକ୍ଷା ସୁଶିଳା ମାଝି, ପୂର୍ବତନ ପୌରାଧ୍ୟକ୍ଷ ଝାଡ଼େଶ୍ୱର ମହାନ୍ତି, ନଗର ସଭାପତି କୈଳାସ ନାୟକ, ମନୋଜ କୁମାର ଧଳ, ଉପ ନଗରପାଳ ସୁଧାଂଶୁ ଦାସ, ମହିଳା ସଭାନେତ୍ରୀ ରଶ୍ମି ସାନ୍ତ୍ରାଙ୍କ ସହ କର୍ମୀମାନେ ଉପସ୍ଥିତ ରହି ବିଜୁବାବୁଙ୍କ ଆଦର୍ଶକୁ ମନେ ପକାଇଥିଲେ।

ସେହିପରି ପାପଡ଼ାହାଣ୍ଡିରେ ଦଳ ପକ୍ଷରୁ ସ୍ଥାନୀୟ ଶହୀଦ ମିନାର ଓ




ନବରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ ସଙ୍କଳ୍ପ ପାଠ କରୁଛନ୍ତି।

## ପ୍ରବାଦପୁରୁଷଙ୍କ ଶ୍ରାଦ୍ଧଦିବସ

ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲିକ, ସୁରୀ ମିଶ୍ର, ସ୍ୱାଧୀନ ପଟ୍ଟନାୟକ, ସୋମନାଥ ବିଶୋଇ, ଏମ୍. ଆପ୍ପାରାଓ, ଅବଦୁଲ ତାଜୁଦ୍ଦିନ, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ, ବଦ୍ରି ନାରାୟଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଡାବୁଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକଙ୍କ ପ୍ରତିନିଧି ଏମ୍. ବୁଲୁରାଓ, ଜୋନ୍–୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଡଙ୍ଗରିଗୁଡ଼ା ସରପଞ୍ଚ ରାମ କୁମାର ଗଣ୍ଡ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ଡାବୁଗାଁ ପଞ୍ଚାୟତ ସଭାପତି ଜି. ପ୍ରକାଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

